## ସଂକ୍ଷେପରେ

### ୩.୭୫ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ



**ଫୁଲବାଣୀ ଅଫିସ, ୩।୪:** ଗୋଚ୍ଛାପଡା ଥାନା ପୋଲିସ କେରେଙ୍ଗେଲି ଛକରେ ଚଢ଼ାଉ କରି ବ୍ୟାପକ ପରିମାଣର ଗଞ୍ଜେଇ ଜବତ କରିଛି । ୩ କୁଇଣ୍ଟାଲ ୭୫ କେଜିର ଏହି ଗଞ୍ଜେଇ ବାହାରକୁ ଚାଲାଣ ହେଉଥିଲା । ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରିଥିବା ବେଳେ ୨ ଜଣ ଫେରାର୍ ହୋଇଯାଇଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ କେରେଙ୍ଗେଲି ଗ୍ରାମର ବସନ୍ତ ଦିଗାଲ ଓ ବିଶ୍ୱାମିତ୍ର ରଣା । ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୋଲିସକୁ ବିଶେଷସୂତ୍ରରୁ ଖବର ମିଳିଥିଲା । ଥାନାଧିକାରୀ ରଞ୍ଜିତ କୁମାର ମୁନୀ ଏକ ଟିମ୍ କରି ଘଟଣାସ୍ଥଳରେ ଚଢ଼ାଉ କରିଥିଲେ । ଏ ନେଇ ଥାନାରେ ନଂ.୪୨/୨୧ରେ ମାମଲା ରୁଜୁ ହୋଇଛି ।

### ଗଞ୍ଜେଇ ଜବତ, ଜଣେ ଗିରଫ

**ଆର.ଉଦୟଗିରି,୩।୪(ଡି.ଏନ.ଏ.):** ମୋହନା ବ୍ଲକ ଅନ୍ତର୍ଗତ ଲୁହାଗୁଡି ଛକଠାରୁ ଅଳ୍ପ ଦୂର ଗଣି ଛକରେ ଶନିବାର ମୋହନା ଥାନାଧିକାରୀ ସୁଜିତ କୁମାର ନାୟକ ସଦଳବଳ ତନଖି କରୁଥିବା ବେଳେ ସନ୍ଦେହଜନକ ଭାବେ ଯାଉଥିବା ଏକ ବୋଲେରୋ ପିକ୍‌ଅପ୍‌କୁ ଅଟାଇଥିଲେ । ଗାଡ଼ିରେ ତନଖି କରିବାରୁ ସେଥିରେ ୧୫୧ କେଜି ୮୦୦ଗ୍ରାମ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା । ଉକ୍ତ ଗଞ୍ଜେଇ ସହ ଗାଡିକୁ ପୋଲିସ ଜବତ କରିଛି । ଗଞ୍ଜେଇ ଚାଲାଣ କରୁଥିବା ବ୍ରହ୍ମପୁର ନିକଟସ୍ଥ ଲାଞ୍ଜିଆ ଅଞ୍ଚଳର ଅଜିତ କୁମାର ଗୌଡ଼ଙ୍କୁ ଗିରଫ କରାଯାଇଛି । ଏନେଇ ନଂ.୪୬/୨୨ରେ ମାମଲା ରୁଜୁ ହୋଇଛି ।

### ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକଙ୍କ ପରଲୋକ

**ବୁଗୁଡା,୩।୪(ଡି.ଏନ.ଏ.):** ବୁଗୁଡ଼ା ପିପୁଲ୍ସ ହାଇସ୍କୁଲର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଦ୍ମ ଚରଣ ପାଣିଗ୍ରାହୀଙ୍କ ଶନିବାର ହଠାତ୍ ହୃଦ୍‌କ୍ରିୟା ବନ୍ଦ ଯୋଗୁ ମୃତ୍ୟୁ ଘଟିଥିଲା । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ସ୍ତ୍ରୀ, ପୁଅ, ବୋହୂ, ଝିଅ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ସେ ଜଣେ ଦକ୍ଷ, କର୍ତ୍ତବ୍ୟନିଷ୍ଠ, ଧର୍ମପରାୟଣ ଓ ଛାତ୍ରବତ୍ସଳ ଆଦର୍ଶ ଶିକ୍ଷକ ଥିଲେ । ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା ।

### ୧୫୧ କୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ

**ପୋଲସରା,୩।୪(ଡି.ଏନ.ଏ.):** ପୋଲସରାସ୍ଥିତ ବେଦ ମନ୍ଦିର ଆର୍ଯ୍ୟ ସମାଜଠାରେ ୧୫୧ କୁଣ୍ଡୀୟ ବୈଦିକ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆଚାର୍ଯ୍ୟ ଡ.ସୁଦର୍ଶନ ଦେବ ଅଧକ୍ଷତା କରିଥିଲେ । ଜଗତ କଲ୍ୟାଣ ସହ ଅଞ୍ଚଳର ସକଳ ବ୍ୟାଧି, ଦୁଃଖ, ଅଶାନ୍ତି, ଅଭାବ, ଅନ୍ୟାୟ ଓ ଅଜ୍ଞାନର ମୂଳୋତ୍ପାଟନ ପାଇଁ ପ୍ରଥମଥର ପାଇଁ ଏହି ମହାଯଜ୍ଞ ଅନୁଷ୍ଠିତ ହୋଇଛି । ଶନିବାର କଳସ ଯାତ୍ରା ହୋଇଥିଲା । ସ୍ୱାମୀ ସତ୍ୟ ଜୀ, ଆଚାର୍ଯ୍ୟ ବୈକୁଣ୍ଠଜୀ, ପ୍ରିୟରତ୍ନ ଶାସ୍ତ୍ରୀ, ସୁବ୍ରତ କୁମାର ସାମଲ, ବିନୋଦିନୀ ପଣ୍ଡା, କଟକ ବୋର୍ଡ ଅଫ ରେଭିନ୍ୟୁ ବାଲ୍ମୀକି ପଟ୍ଟନାୟକ, ଅବସରପ୍ରାପ୍ତ ଅଧକ୍ଷ ହରିବନ୍ଧୁ ମହାପାତ୍ର, ବିଶ୍ୱନାଥ ଶାସ୍ତ୍ରୀ, ଆଚାର୍ଯ୍ୟ ଶୃତିପ୍ରୀୟ ଶାସ୍ତ୍ରୀ, ପୁରୁଷୋତ୍ତମଜୀ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ପୂର୍ବତନ ଅଧକ୍ଷ ପ୍ରଫୁଲ୍ଲ କୁମାର ପ୍ରଧାନ, ସମ୍ପାଦକ ଏ.ସନ୍ତୋଷ କୁମାର ଆଚାରି, ପ୍ରକାଶ ଚନ୍ଦ୍ର ପାତ୍ର, ପଞ୍ଚୁ ପ୍ରଧାନ, ପୂର୍ଣ୍ଣ ଚନ୍ଦ୍ର ପାତ୍ର, ବିରେନ୍ଦ୍ର ଗୁପ୍ତା, ଦେବେନ୍ଦ୍ର ଗୁପ୍ତା, ପ୍ରତାପ ଘଡେଇ, ରୋହିତ ପ୍ରଧାନ, ସୁବାସ ଚନ୍ଦ୍ର ପୃଷ୍ଟି, ରଞ୍ଜନ କୁମାର ସାହୁ, ଲୋଚନ ପାତ୍ର, ବିପିନ ପ୍ରଧାନ, ମନୋରମା ବେହେରା, ସୁକାନ୍ତି ବେହେରା, ଅନୁସୁୟା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସଫଳ କରାଇଥିଲେ ।

### ମିଶନ ଶକ୍ତି ସଭାଗୃହ ଉଦ୍‌ଘାଟିତ

**ପାରଳାଖେମୁଣ୍ଡି,୩।୪(ଡି.ଏନ୍.ଏ.):** ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କ ଦ୍ୱାରା ଗୋଷାଣୀ ବ୍ଲକଠାରେ ମିଶନ ଶକ୍ତି ସଭାଗୃହର ଶୁଭ ଉଦ୍‌ଘାଟନ ହୋଇଯାଇଛି । ଏହି ସମାରୋହରେ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ପଞ୍ଚାୟତ ସମିତି ଅଧକ୍ଷ ଏନ୍.ବୀରରାଜୁ, ପଞ୍ଚାୟତ ସମିତି ଉପଧକ୍ଷା ଅନସୂୟା ଦେବୀ, ଜିଲା ପରିଷଦ ସଭ୍ୟ ଏସ୍. ବାଲାରାଜୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୀଳମାଧବ ମାଝୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଗୌରୀ ନାୟକ, ଜିଲା ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି ରଶ୍ମିରଞ୍ଜନ ସେଠୀ, ଗୋଷ୍ଠୀ ପ୍ରକଳ୍ପ ସଂଯୋଗକ ମିଶନ ଶକ୍ତି ଲାବନ ରଇତ ଏବଂ ବିଏଲ୍‌ଏଫ୍‌ର ସମସ୍ତ ସଭ୍ୟା, ଏସ୍‌ଏଚ୍‌ଜି ସଭ୍ୟ ଏବଂ ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ ।

# ପୌରସଂସ୍ଥା ଉପନଗରପାଳ ନିର୍ବାଚନ ୭ରେ

- ଜିଲାରେ ଗୋଟିଏ ମ୍ୟୁନିସିପାଲିଟି, ୧୬ ଏନଏସି
- ବ୍ରହ୍ମପୁର ଡେପୁଟି ମେୟର ପାଇଁ ୪ ଜଣଙ୍କ ନାଁ ସୁପାରିଶ

**ବ୍ରହ୍ମପୁର ଅଫିସ,୩।୪**

ଗଞ୍ଜାମ ଜିଲାର ହିଞ୍ଜିଳି ମ୍ୟୁନିସିପାଲିଟି ଓ ୧୬ ଏନ୍‌ଏସିର ଉପନଗରପାଳ ପଦ ଲାଗି ଆସନ୍ତା ୭ ତାରିଖରେ ହେବ ନିର୍ବାଚନ । ଏହାର ଦିନକ ପରେ ୮ରେ ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ର ଡେପୁଟି ମେୟର ନିର୍ବାଚିତ ହେବେ । ତେଣୁ ଜିଲାର ସହରାଞ୍ଚଳ ରାଜନୀତି ଉଷ୍ମ ହୋଇଯାଇଛି । କେଉଁଠି କିଏ ହେବ ଉପନଗରପାଳ ସେନେଇ ଅଙ୍କକଷା ଚାଲିଛି । ପ୍ରାର୍ଥୀ ଚୟନ ବିଜେଡି ପକ୍ଷରୁ ଉପର ମହଲରେ ହେବ ଏବଂ ନିର୍ବାଚନ ଦିନ ତାହା ଘୋଷଣା କରାଯିବ । ଏନ୍‌ଏସିଗୁଡ଼ିକର ଦାୟିତ୍ୱ ସମ୍ପୃକ୍ତ ବିଧାୟକମାନଙ୍କୁ ନ୍ୟସ୍ତ କରାଯାଇଛି । ସେମାନେ ୩ ଜଣଙ୍କ ନାମ ପଠାଇବାକୁ ନିର୍ଦ୍ଦେଶ ରହିଛି । ସେହିପରି ବିଏମ୍‌ସି ଡେପୁଟି ମେୟର ଲାଗି ୪ ନାମ ସୁପାରିସ କରାଯାଇଛି । ଦଳ ସଭାପତି ତଥା ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଛି ।

ବିଏମ୍‌ସି ପାଇଁ ପଠାଯାଇଥିବା ୪ ଜଣଙ୍କ ମଧ୍ୟରେ ବ୍ରହ୍ମପୁର ବିଧାନସଭା କ୍ଷେତ୍ରର ୩ ଏବଂ ଗୋପାଳପୁର କ୍ଷେତ୍ରର ଜଣେ କର୍ପୋରେଟର ଥିବା ବିଜେଡି ସୂତ୍ରରୁ ସୂଚନା ମିଳିଛି । ଏହି ୪ ମଧ୍ୟରୁ ଜଣେ ପୂର୍ବତନ କର୍ପୋରେଟର ଥିବା ବେଳେ ଅନ୍ୟ ୩ ନୂଆମୁହଁ ଓ ପ୍ରଥମଥର ନିର୍ବାଚିତ ହୋଇଛନ୍ତି । କାହା ଉପରେ ଦଳ ମୁଖିଆଙ୍କ ମୋହର ଲାଗିବ ସେଥିନିମନ୍ତେ ଲବି ଜୋର୍‌ଦାର ଚାଲିଛି ଏବଂ ସମସ୍ତେ ଆଶା ଆଶଙ୍କାରେ ରହିଛନ୍ତି । ବିଜେଡିରୁ ନିର୍ବାଚିତ ୧୫ ମହିଳା କର୍ପୋରେଟରଙ୍କ ମଧ୍ୟରୁ ଡେପୁଟି ମେୟର ତାଲିକାରେ ଜଣେ ବି ନ ଥିବା ଖବର ମିଳିଛି । ତାଲିକାକୁ ଗୋପନ ରଖାଯାଇଛି । ନିର୍ବାଚନ ଦିନ ପ୍ରକାଶ କରାଯିବାର କାର୍ଯ୍ୟକ୍ରମ ରହିଛି ।

ଛତ୍ରପୁର ନିର୍ବାଚନ ମଣ୍ଡଳୀରେ ୩ ଏନ୍‌ଏସି ଅଛି । ସବୁଠି ବିଜେଡିର ସଂଖ୍ୟାଗରିଷ୍ଠ ଥିବା ସତ୍ତ୍ୱେ ନଗରପାଳ ପଦ ହାତଛଡ଼ା ହୋଇଛି । ତେଣୁ ଦଳର ଉପର ମହଲ ବିଧାୟକଙ୍କ ଅପାରଗତାକୁ ଦାୟୀ କରି କ୍ଷୁବ୍ଧ ହୋଇଥିବା ଚର୍ଚ୍ଚା ହେଉଛି । ନଗରପାଳ ନିର୍ବାଚନ ପ୍ରତ୍ୟକ୍ଷ ଭାବେ ହୋଇଥିଲା ଏବଂ ପ୍ରାର୍ଥୀ ଚୟନ ଠିକଣା ଭାବରେ ହୋଇ ନ ଥିବାରୁ ଏହି ଦଶା ଭୋଗିବାକୁ ପଡ଼ିଥିବା ବିଜେଡି କର୍ମୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା । ଛତ୍ରପୁର ବ୍ଲକ ଅଧକ୍ଷା ନିର୍ବାଚନରେ ମଧ୍ୟ ବିଧାୟକଙ୍କୁ ହଟହଟା ହେବାକୁ ପଡ଼ିଛି ଏବଂ ବିରୋଧୀ ଗୋଷ୍ଠୀକୁ ସଫଳତା ମିଳିଛି । ଏଥିରୁ ବିଜେଡିର ଆଭ୍ୟନ୍ତରୀଣ କନ୍ଦଳ ବଢ଼ି ଚାଲିଥିବା ପ୍ରମାଣିତ ହୋଇଛି ।

ସୂଚନାଯୋଗ୍ୟ, ବିଜେଡିରୁ ବହିଷ୍କୃତ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଏକାନ୍ତ ଅନୁଗତ ଥିବା ସୁବାସ ବେହେରା ପ୍ରଥମେ ଜିଲା ବିଜେଡି ସଂଗଠନର ଅନ୍ୟତମ ସାଧାରଣ ସମ୍ପାଦକ ହୋଇଥିଲେ । ୨୦୧୭ ପଞ୍ଚାୟତ ନିର୍ବାଚନରେ ଜିଲା ପରିଷଦ ସଭାପତି ହୋଇଥିଲେ । ୨୦୧୯ ସାଧାରଣ ନିର୍ବାଚନରେ ସେ ଛତ୍ରପୁର ଆସନରୁ ପ୍ରାର୍ଥୀ ହୋଇ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଏହିସବୁ କ୍ଷେତ୍ରରେ ପ୍ରଦୀପଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ବିଧାୟକ ହେବା ପରେ ସେ ଦଳୀୟ କର୍ମୀଙ୍କ ଆକ୍ରୋଶର ସମ୍ମୁଖୀନ ହୋଇଛନ୍ତି । ପରବର୍ତ୍ତୀ ରାଜନୈତିକ ଜୀବନ କେଉଁଆଡ଼କୁ ଯିବ, ତାହା ଚର୍ଚ୍ଚାର ବିଷୟ ପାଲଟିଛି ।

# ହିମାଂଶୁଙ୍କ ପରିବାରକୁ ଭେଟିଲେ ବାର୍ ଆସୋସିଏଶନ କର୍ମକର୍ତ୍ତା



ବାର୍ ଆସୋସିଏଶନ କମକର୍ତ୍ତା ଚେକ୍ ପ୍ରଦାନ କରୁଛନ୍ତି ।

**ଭଞ୍ଜନଗର,୩।୪(ଡି.ଏନ.ଏ)**

ବିଜେଡ଼ି ଯୁବ ନେତା ତଥା ଆଇନଜୀବୀ ହିମାଂଶୁ ଶେଖର ବାରିକଙ୍କ ଗତ ୩୧ ତାରଖ ରାତିରେ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା । ଶନିବାର ରାତିରେ ଭଞ୍ଜନଗର ବାର୍ ଆସୋସିଏଶନ ସଭାପତି ସନ୍ତୋଷ ନାୟକଙ୍କ ନେତୃତରେ ଏକ ପ୍ରତିନିଧିମଣ୍ଡଳୀ ହିମାଂଶୁଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଛନ୍ତି । କେଉଁଭଳି ପରିସ୍ଥିତିରେ ହିମାଂଶୁଙ୍କ ମୃତ୍ୟୁ ଘଟିଲା ସେ ନେଇ ଆଲୋଚନା କରିଥିଲେ । ଏଥିସହ ଭଞ୍ଜନଗର ବାର୍ ଆସୋସିଏଶନ ମୃତ୍ୟୁ ସହାୟତା ଫଣ୍ଡରୁ ୫୦ ହଜାର ଟଙ୍କାର ଏକ ଚେକ୍ ହିମାଂଶୁଙ୍କ ପରିବାରକୁ ପ୍ରଦାନ କରାଯାଇଥିଲା । ଏହି ସମୟରେ ସମ୍ପାଦକ ଅମରେଶ ମହାପାତ୍ର, ଆଇନଜୀବୀ ଅରୁଣ ପ୍ରଧାନ, ନିରାକର ସାହୁ, ସୁଧାଂଶୁ ଶେଖର ପୋଲେଇ, ନୃସିଂହ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଜଗନ୍ନାଥପ୍ରସାଦ ବ୍ଲକ ଅଧକ୍ଷା ଜୟଶ୍ରୀ ସାହୁଙ୍କ ସ୍ୱାମୀ ହିମାଂଶୁ ଗତ ୩୧ ତାରିଖ ରାତିରେ ହଠାତ୍ ଅସୁସ୍ଥ ହୋଇଥିଲେ । ତାଙ୍କୁ ଭଞ୍ଜନଗର ମେଡ଼ିକାଲକୁ ଅଣାଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ତାଙ୍କର ହଠାତ୍ ମୃତ୍ୟୁକୁ ନେଇ ନାନା କଥା ଆଲୋଚନା ହେଉଛି । ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ।

# ସମସ୍ୟାଘେରରେ ଦୂତିପଡ଼ା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ

**ବଲସକୁମ୍ପା,୩।୪**

ଓଡ଼ିଆରେ ଏକ ଉକ୍ତି ଅଛି 'ଗାଁ ନିର୍ମଳ ଧୋବା ତୁଠ' । ଯେଉଁ ଗାଁର ଧୋବା ତୁଠ ଯେତେ ପରିମାଣରେ ସଫାସୁତରା, ପରିଷ୍କାର ପରିଚ୍ଛନ୍ନ ଓ ନିର୍ମଳ ଥିବ ସେଥିରୁ ହିଁ ଅନୁମାନ କରାଯିବ ଯେ ସେଇ ଗାଁର ଦାଣ୍ଡ ଘାଟ ବାଟ ମଧ୍ୟ ସେତିକି ସଫାସୁତରା ଏବଂ ପରିଷ୍କାର, ପରିଚ୍ଛନ୍ନ । ସେହିପରି ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଗ୍ରାମାଞ୍ଚଳର ବିକାଶ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ କରିଛନ୍ତି ଏବଂ ସେହି କାର୍ଯ୍ୟାଳୟର ପରିଚାଳନା ପାଇଁ ଜଣେ ବ୍ୟକ୍ତିଙ୍କୁ ସରପଞ୍ଚ ଭାବେ ପଞ୍ଚାୟତବାସୀ ଭୋଟ ଦେଇ ନିର୍ବାଚିତ କରନ୍ତି । ସେହିପରି ସରକାର ଜଣେ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ପିଅନ ନିଯୁକ୍ତ କରି ସେହି ପଞ୍ଚାୟତବାସୀଙ୍କ ବିକାଶ ପାଇଁ ମାସିକ ବେତନ ପ୍ରଦାନ କରୁଛନ୍ତି । କିନ୍ତୁ ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଦୂତିପଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ବାସ୍ତବ ଚିତ୍ର ଭିନ୍ନ । ଏହି ପଞ୍ଚାୟତ ୧୯୫୬ରେ ସ୍ଥାପିତ ହୋଇଛି ବୋଲି ଫାଟକରେ ଲେଖାଯାଇଛି ଏବଂ ଫାଟକକୁ ମାର୍ବଲରେ ସଜାଯାଇଛି । ମାତ୍ର



ପଞ୍ଚାୟତ କାର୍ଯ୍ୟାଳୟ ।

କାର୍ଯ୍ୟାଳୟ ସମ୍ମୁଖରେ ବାଲି, ପଥର ଏବଂ ପୋଚା ଡାଳ ପତ୍ର ପଡ଼ିରହିଛି । ସାମ୍ନାରେ ହ୍ରଦ ସୃଷ୍ଟି ହୋଇଛି । ଯେ କେହି ପଞ୍ଚାୟତକୁ ପ୍ରବେଶ କଲାବେଳେ ସତର୍କ ହୋଇ ପ୍ରବେଶ ନ କଲେ ପାଦ ଖସିଯାଇ ପଡ଼ିବା ସୁନିଶ୍ଚିତ । ତାହା ପାଖକୁ ରହିଛି ବର୍ଷ ବର୍ଷ ଧରି ଅଧା ଗଢ଼ା ହୋଇ ରହିଥିବା ମାଟି ଇଟା ଘର । ତାହା କେତେବେଳେ କାହା ମୁଣ୍ଡ ଉପରେ ନ ପଡ଼ିବ ତାହା କହି ହେଉନାହିଁ । ସେହିପରି ପଞ୍ଚାୟତ ଚାରିପାଖରେ ଲଟା ବୁଦା ମାଡ଼ି ରହିଛି । ହ୍ରଦ ଦୁର୍ଗନ୍ଧରେ ନାକ ଫାଟିପଡୁଛି । ଏହାକୁ ଯିଏ ଦେଖିବ ସେ କହିବ ଯେ ଏଇଟା ପଞ୍ଚାୟତ କାର୍ଯ୍ୟାଳୟ ନା ଗାଈ ଗୁହାଳ । ଏଭଳି ପଞ୍ଚାୟତ କାର୍ଯ୍ୟାଳୟର ବାସ୍ତବ ଚିତ୍ର ଦେଖି ନବନିର୍ବାଚିତ ସମିତି ସଭ୍ୟ ଶୁକଦେବ ସେଠୀ ଘୋର ଅସନ୍ତୋଷ ପ୍ରକାଶ କରିବା ସହ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଦାୟିତ୍ୱହୀନତାକୁ ନିନ୍ଦା କରିଛନ୍ତି । ପଞ୍ଚାୟତର ଏହି ଶୋଚନୀୟ ଅବସ୍ଥା ପାଇଁ ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି ଉଗ୍ରସେନ ସାହୁ ସମେତ ପଞ୍ଚାୟତବାସୀ । ଅନ୍ୟପକ୍ଷରେ ଏବେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସରି ମାସେ ପୂରିବାକୁ ବସିଲାଣି । ମାତ୍ର ଏହି ପଞ୍ଚାୟତ ଅବସ୍ଥାରେ ସୁଧାର ଆସୁନାହିଁ । ତେଣୁ ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ସମିତି ସଭ୍ୟ ଶୁକଦେବ ଦାବି କରିଛନ୍ତି ।

# ଭତ୍ତା ପାଇବାରୁ ବଞ୍ଚିତ ଗୋପାଳ, ପ୍ରଶାସନ ନିକଟରେ ଗୁହାରି

**ଚିକିଟି,୩।୪(ଡି.ଏନ.ଏ.)**

ସାଧାରଣ ଲୋକଙ୍କ ସୁବିଧା ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏହା ମଧ୍ୟରୁ ବୃଦ୍ଧା ବୃଦ୍ଧ ଓ ବିଧବା ମହିଳାମାନଙ୍କ ପାଇଁ ବାର୍ଦ୍ଧକ୍ୟ ଭତ୍ତା ଯୋଜନା କାର୍ଯ୍ୟକାରୀ ହୋଇଛି । ଏହି ଯୋଜନାରେ ୬୫ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମାସିକ ଭତ୍ତା ଆକାରରେ ପେନସନ ଦିଆଯାଇଥାଏ । ଏହି ସବୁ ଯୋଜନା ଓ ବିଭନ୍ନ ଭତ୍ତା ପ୍ରଦାନ କାର୍ଯ୍ୟରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ କିଛି ସରକାରୀ ଅଧିକାରୀଙ୍କ ଦାୟୀତ୍ୱ ହିନତା ଯୋଗୁ ପ୍ରକୃତ ହିତାଧିକାରୀ ନିୟମିତ ଭାବେ ଭତ୍ତା ପାଇବାରୁ ବଞ୍ଚିତ ହେଉଛନ୍ତି । ଏହିପରି ଘଟଣା ଚିକିଟି ବ୍ଲକ୍ ଚାନ୍ଦପୁର ପଞ୍ଚାୟତରେ ଦେଖିବାକୁ ମିଳୁଛି । ଚାନ୍ଦପୁର ପଞ୍ଚାତର ପତ୍ରପୁଟି ଗ୍ରାମର ଗୋପାଳ ଗୌଡ ଦୀର୍ଘ ୬ ମାସ ଧରି ନିଜର ପାଉଥିବା ଭତ୍ତା ମିଳିପାରିନାହିଁ । ଭତ୍ତା ପାଇବା ପାଇଁ ପ୍ରତି ମାସରେ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ନିରାଶରେ ଫେରୁଛନ୍ତି । ଏ ନେଇ ଗତ ୩୧ରେ ଚିକିଟି ବିଡିଓଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଛନ୍ତି ଏବଂ କିପରି ନିଜର ଭତ୍ତା ପାଇବେ ସେ ନେଇ ଅନୁରୋଧ କରାଯାଇଛି । ଅପରପକ୍ଷରେ ଗୋପାଳ ଦୁଇବେଳା ଦୁଇ ମୁଠା ଚାଉଳ ଯୋଗାଡ କରିବା ସମ୍ଭବପର ହେଉନାହିଁ । ଏ ସମ୍ପର୍କରେ ଚାନ୍ଦପୁର ଗ୍ରମପଞ୍ଚାୟତ ଅଫିସର ଜ୍ୟୋତି ଶୁକ୍ଲାଙ୍କୁ ଯୋଗାଯୋଗ କରିବାରେ ଏହାକୁ ସ୍ୱିକାର କରିବା ସହ ଏହିଭଳି ପ୍ରାୟ କେତେ ଗୁଡିଏ ଅଭିଯୋଗ ଆସିଥିଲା । ସେଥିରୁ କେତେ ଗୁଡିଏ ମିଳିଗଲାଣି । ଆଉ ଯାହା ବାକି ରହିଛି । ଶୀଘ୍ର ସେମାନଙ୍କର ଭତ୍ତା ପାଇଯିବେ ବୋଲି କହିଛନ୍ତି ।

# ଆର୍ଥ୍ରାଇଟିସ ସଚେତନତା ଶିବିର



ସଚେତନତା ଶିବିରରେ ଡାକ୍ତର ଓ ଅନ୍ୟମାନେ ।

**ବ୍ରହ୍ମପୁର ଅଫିସ,୩।୪**

ଆର୍ଥ୍ରାଇଟିସ୍ ରୋଗ ସମ୍ପର୍କରେ ଜାଣିବା ପାଇଁ ରବିବାର ଜନଶକ୍ତି ହେଲ୍‌ଥ କେୟାର ପକ୍ଷରୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଶାଖାପାଟଣାର ଅର୍ଥୋପେଡିକ୍ ସର୍ଜରୀ ଡାକ୍ତର ରବିଚନ୍ଦ୍ର ଭଟ୍ଟପାଲୀ ଯୋଗଦେଇଥିଲେ । ଦେଶର ଅଧିକାଂଶ ବରିଷ୍ଠ ନାଗରିକ ଆର୍ଥ୍ରାଇଟିସ୍‌ରେ ଶିକାର ହେଉଥିବା ଡାକ୍ତର ଭଟ୍ଟପାଲୀ କହିଥିଲେ । ଏଥିସହ ରୋଗର ଲକ୍ଷଣ ଓ ନିରାକରଣ ସମ୍ପର୍କରେ ରୋଗୀଙ୍କୁ ପରାମର୍ଶ ଦେଇଥିଲେ । ସୁବିରରେ ବହୁସଂଖ୍ୟକ ରୋଗୀ ଯୋଗଦେଇ ମାଗଣା ପରୀକ୍ଷା କରାଇଥିଲେ । ଜନଶକ୍ତି ହେଲ୍‌ଥ କେୟାରର ମନୋରଞ୍ଜନ ପାତ୍ର କହିଥିଲେ, ଆର୍ଥ୍ରାଇଟିସ୍‌ରେ ପୀଡ଼ିତ ରୋଗୀମାନେ ଡାକ୍ତରଙ୍କଠାରୁ ପରାମର୍ଶ ନେବା ସହ ଲୋକଙ୍କୁ ପରାମର୍ଶ ଦେବା ଆବଶ୍ୟକ । ଏହି ରୋଗକୁ କିଭଳି ମୁକାବିଲା କରିହେବ ସେନେଇ ମଧ୍ୟ ପରାମର୍ଶ ଦେଇଥିଲେ । ଶିବିରରେ ୧୭ନଂ. ୱାର୍ଡ କର୍ପୋରେଟର ଦୁର୍ଗା କୁମାର ଲାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଚେତନତା ଶିବିର ପାଇଁ ଖୁସି ପ୍ରକଟ କରିବା ସହ କୃତଜ୍ଞତା ଜଣାଇଥିଲେ ।

# ଗିରଫ ଅଭିଯୁକ୍ତ କୋର୍ଟ ଚାଲାଣ

**ପୂର୍ବତନ କର୍ପୋରେଟରଙ୍କୁ ହତ୍ୟା ଧମକ ଘଟଣା**

**ବ୍ରହ୍ମପୁର ଅଫିସ,୩।୪**

ବ୍ରହ୍ମପୁର ସହରରେ ପୌର ନିର୍ବାଚନ ପରବର୍ତ୍ତୀ ହିଂସା ଓ ଜଣେ କର୍ପୋରେଟରଙ୍କୁ ହତ୍ୟା ଧମକ ଘଟଣା ପରଠାରୁ ଫେରାର ଥିବା ଅଭିଯୁକ୍ତଙ୍କୁ ଗୋଷାଣୀ ନୂଆଗାଁ ପୋଲିସ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ବିଜିପୁରର ରାଜା ସେଠୀ(୨୪) । ମାମଲା ନଂ.୪୬/୨୨ରେ ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି ।

ଏହି ଆତଙ୍କରାଜ ଓ ଭଙ୍ଗାରୁଜା ଘଟଣା ପଛରେ କାହା କାହାର ହାତ ରହିଛି ସେ ନେଇ ଏବେ ତନାଘନା ଜାରି ରହିଛି ବୋଲି ଥାନାଧିକାରୀ ସୁମିତ ସୋରେନ କହିଛନ୍ତି । ପୂର୍ବରୁ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରେମ୍‌ନଗର ଫର୍ଚ୍ୟୁନ ଶଙ୍କର ପ୍ୟାଲେସରେ ରହୁଥିବା ଶିବା ଓରଫ କୁମାର ଅଭିଷେକ ବେହେରାଙ୍କ ସମେତ ୬ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଘଟଣାରୁ ପ୍ରକାଶ ଯେ, ହାଉସିଂବୋର୍ଡ଼ ବ୍ରିଟ୍ କଲୋନୀରେ ରହୁଥିବା ବୀରେନ ପଟ୍ଟନାୟକ ଜଣେ ପୂର୍ବତନ କର୍ପୋରେଟର । ସେ ଚଳିତଥର ବିଏମ୍‌ସିର ୱାର୍ଡ ନଂ.୧୨ରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ । ସେହିପରି ତାଙ୍କ ସ୍ତ୍ରୀ ସସ୍ମିତା ଦାସ ଭାଜପାରୁ ବିଏମ୍‌ସିର ୧୪ନଂ. ୱାର୍ଡ କର୍ପୋରେଟର ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ । ଉଭୟ ବୀରେନ ଓ ସସ୍ମିତା ଉକ୍ତ ନିର୍ବାଚନରେ ପରାଜିତ ହୋଇଥିଲେ । ଗତ ୨୬ ତାରିଖ ବିଳମ୍ବିତ ରାତି ପ୍ରାୟ ୩ଟା ବେଳେ ବିଜୟୀ ଗୋଷ୍ଠୀର ୭/୮ ଯୁବକ ହାତରେ ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଧରି ବୀରେନ ଓ ତାଙ୍କ ସ୍ତ୍ରୀଙ୍କୁ ଜୀବନରେ ମାରିଦେବାକୁ ଧମକ ଦେବା ସହ ସେଠାରେ ଆତଙ୍କରାଜ ଖେଳାଇଥିଲେ । ପରେ ଏନେଇ ସସ୍ମିତା ଥାନାରେ ଲିଖିତ ଏତଲା ଦେଇଥିଲେ ।

# ବିଦ୍ୟାରମ୍ଭ ସଂସ୍କାର ଉତ୍ସବ

**ପାରଳାଖେମୁଣ୍ଡି,୩।୪(ଡି.ଏନ୍.ଏ.)**

ପାରଳାଖେମୁଣ୍ଡିସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ହିନ୍ଦୁ ନବବର୍ଷ ଓ ବିଦ୍ୟାରମ୍ଭ ସଂସ୍କାର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପିଲାମାନେ ଶୁଦ୍ଧବସ୍ତ୍ର ପରିଧାନ କରି ରାଜଗୁରୁ ସାହି ଛକସ୍ଥିତ ଶ୍ରୀରଘୁନାଥ ମନ୍ଦିରରେ ପୂଜା କରାଯାଇଥିବା ଗୀତା, ନୂତନ ବହି, ସିଲଟ, ଖଡି ଓ କଲମ ଧରି ଏକ ଶୋଭାଯାତ୍ରାରେ ନଗର ପରିକ୍ରମା କରି ବିଦ୍ୟାଳୟକୁ ଆସିଥିଲେ । ବିଦ୍ୟାଳୟରେ ଗାୟତ୍ରୀ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଗାୟତ୍ରୀ ପରିବାରର ସନ୍ତୋଷ ଗନ୍ତାୟତ ତଥା ବରିଷ୍ଠ କର୍ମକର୍ତ୍ତା ବୃନ୍ଦାବନ ମିଶ୍ର ପିଲାମାନଙ୍କୁ ଶୃଙ୍ଖଳିତ ଜୀବନ ଓ ଉତ୍ତମ ଅଧ୍ୟୟନ ପାଇଁ ମାର୍ଗ ଦର୍ଶନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ସଣ୍ଡେ ଆର୍ଟ୍ ଗୋପାଳପୁର କାର୍ଯ୍ୟକ୍ରମ ଆରମ୍ଭ

**ନୃତ୍ୟ ଓ ସଂଗୀତରେ ଝୁମିଲେ ଦର୍ଶକ**



କଳାକାରଙ୍କୁ ପୁରସ୍କୃତ କରୁଛନ୍ତି ଉପଜିଲାପାଳ ।

**ଗୋପାଳପୁର,୩।୪(ଡି.ଏନ.ଏ.)**

ଦୀର୍ଘଦିନର କୋଭିଡ୍ କଟକଣା ପରେ ଜିଲା ପ୍ରଶାସନ ପକ୍ଷରୁ ରବିବାର ଗୋପାଳପୁର ବେଳାଭୂମିଠାରେ ସଣ୍ଡେ ଆର୍ଟ୍ ଗୋପାଳପୁର ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି । ଏଥିରେ ବ୍ରହ୍ମପୁର ଉପଜିଲାପାଳ ଭି.କୀର୍ତ୍ତି ୱାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଆଜିଠାରୁ ଏହି କାର୍ଯ୍ୟକ୍ରମ ପ୍ରତି ରବିବାର ଆୟୋଜନ ହେବ । ଏହା ସହ ଗୋପାଳପୁର ଏନ୍‌ଏସିରେ ବହୁ ନୂତନ ପ୍ରକଳ୍ପ କାର୍ଯ୍ୟ ଚାଲିଛି । ଶୀଘ୍ର ଏହି ସବୁ ପ୍ରକଳ୍ପ ଉଦ୍‌ଘାଟିତ ହେବ । ଯାହାଦ୍ୱାରା ବହୁ ସଂଖ୍ୟକ ପର୍ଯ୍ୟଟକ ଗୋପାଳପୁର ବେଳାଭୂମି ପ୍ରତି ଆକୃଷ୍ଟ ହୋଇପାରିବେ । ବେଳାଭୂମିରେ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରରୁ ନିର୍ବୃତ୍ତ ରହିବାକୁ ପର୍ଯ୍ୟଟକଙ୍କୁ ନିବେଦନ କରାଯାଇଥିଲା । ବେଳାଭୂମିକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସ୍ଥାନୀୟ ବାସିନ୍ଦା ଓ ପର୍ଯ୍ୟଟକ ଉଭୟଙ୍କ ଦାୟିତ୍ୱ ଏବଂ ଏଥିପ୍ରତି ଯତ୍ନବାନ ହେବା ନେଇ ଉପଜିଲାପାଳ ଆହ୍ୱାନ ଦେଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ କଳା ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ପର୍ଯ୍ୟଟକ ଓ ଦର୍ଶକଙ୍କ ଭିଡ଼ ଜମିଥିଲା । କେନ୍ଦ୍ର ସରକାରଙ୍କ ସେଣ୍ଟର ଫର କଲଚୁରାଲ ରିସୋର୍ସ ଆଣ୍ଡ ଟ୍ରେନିଂ ବିଭାଗ ପକ୍ଷରୁ ବୃତ୍ତି ପାଇଥିବା ବ୍ରହ୍ମପୁର ଲାଞ୍ଜିପଲ୍ଲୀ ଓଡ଼ିଶୀ ନୃତ୍ୟାୟନ ଅନୁଷ୍ଠାନର ସମୀକ୍ଷା ମହାନ୍ତିଙ୍କୁ ଉପଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ ।

# ଏମ୍‌କେସିଜିରେ ସ୍ୱତନ୍ତ୍ର ୱାର୍ଡ ପ୍ରସ୍ତୁତ

**ବ୍ରହ୍ମପୁର ଅଫିସ,୩।୪**

ଧୀରେ ଧୀରେ ପାରଦ ବଢ଼ିଚାଲିଛି । ଦିନସାରା ପ୍ରବଳ ଖରା ହେଉଛି । ପ୍ରଚଣ୍ଡ ଖରା ଯୋଗୁ ଏବେ ଅଂଶୁଘାତ ଚିନ୍ତା ଘାରିଲାଣି । ହଠାତ ଟାଣ ଖରାରେ ଘରୁ ବାହାରିଲେ ଅଂଶୁଘାତ ଭୟ ରହିଛି । ତେଣୁ ଏ ଦିଗରେ ଯଥେଷ୍ଟ ସତର୍କତା ଅବଲମ୍ବନ ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହିଛନ୍ତି । ଅଂଶୁଘାତ ମୁକାବିଲା ପାଇଁ ବ୍ରହ୍ମପୁର ସିଟି ହସ୍ପିଟାଲ ଓ ଏମ୍‌କେସିଜି ମେଡିକାଲରେ ସ୍ୱତନ୍ତ୍ର ୱାର୍ଡ ରହିଛି । ଏ ପର୍ଯ୍ୟନ୍ତ କୌଣସି ଅଂଶୁଘାତ ରୋଗୀ ଆସି ନ ଥିବା ସୂଚନା ଦିଆଯାଇଛି । ତାପମାତ୍ରା ବୃଦ୍ଧି ଯୋଗୁ ଲୋକେ ଗରମରେ ଛଟପଟ ହେଉଛନ୍ତି । ବ୍ରହ୍ମପୁର ସହରରେ ସର୍ବାଧିକ ତାପମାତ୍ରା ୩୭ ଡିଗ୍ରୀ ଛୁଇଁ ସାରିଲାଣି । କିନ୍ତୁ ମଧ୍ୟାହ୍ନରେ ତାପମାତ୍ରା ୩୫/୩୬ ଡିଗ୍ରୀ ମଧ୍ୟରେ ରହୁଛି । ପ୍ରବଳ ଖରା ଓ ଝାଞ୍ଜି ପବନ ଯୋଗୁ ଲୋକେ ଅଂଶୁଘାତରେ ପୀଡ଼ିତ ହୋଇଥାନ୍ତି । ବିଶେଷକରି ଖରାରେ କାମ କରୁଥିବା





ଏମ୍‌କେସିଜି କଲେଜ ଓ ହସ୍ପିଟାଲ ।

ବ୍ୟକ୍ତିଙ୍କୁ ଅଂଶୁଘାତ ହେବାର ଅଧିକ ସମ୍ଭାବନା ରହିଛି । ତେଣୁ ଖରାରେ କାମ ନ କରିବା ସହିତ ପ୍ରଚୁର ପାଣି ପିଇବାକୁ କୁହାଯାଇଥାଏ । ଏମ୍‌କେସିଜି ମେଡିକାଲ କାଜୁଆଲ୍ଟିର ପ୍ରଥମ ମହଲାରେ ଏକ ଜରୁରିକାଳୀନ ସ୍ୱତନ୍ତ୍ର ଅଂଶୁଘାତ ୱାର୍ଡ ବ୍ୟବସ୍ଥା କରାଯାଇଛି । ରୋଗୀଙ୍କ ପାଇଁ ଆବଶ୍ୟକ ଶଯ୍ୟା ଓ ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଛି । ସିଟି ହସ୍ପିଟାଲରେ ମଧ୍ୟ ଏ ନେଇ ପଦକ୍ଷେପ ଗ୍ରହଣ କରାଯାଇଛି । ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା କେହି ଅଂଶୁଘାତର

**ବଢ଼ୁଛି ଖରା, ଅଂଶୁଘାତ ଭୟ**

ଶିକାର ହୋଇନାହାନ୍ତି । ଆଗାମୀ ଦିନରେ ପ୍ରଚଣ୍ଡ ଖରା ହେବ ବୋଲି ପାଣିପାଗ ବିଭାଗ ତରଫରୁ ଅନୁମାନ କରାଯାଇଛି । ସହରବାସୀ ଖରାରୁ ରକ୍ଷା ପାଇବା ପାଇଁ ଟୋପି, ଛତା, ଚଷମା ବ୍ୟବହାର କରୁଥିବା ଦେଖିବାକୁ ମିଳିଛି । ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଛତା ବ୍ୟବହାର କରିବାକୁ ଲୋକଙ୍କୁ ସଚେତନ କରାଯାଉଛି । ଏମ୍‌କେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସନ୍ତୋଷ କୁମାର ମିଶ୍ର କହିଛନ୍ତି, ଅଂଶୁଘାତରେ ଆକ୍ରାନ୍ତ ଲୋକଙ୍କ ପାଇଁ ଆବଶ୍ୟକ ଶଯ୍ୟା ଓ ଶୀତତାପ ନିୟନ୍ତ୍ରିତ କକ୍ଷ ବ୍ୟବସ୍ଥା କରାଯାଇଛି । ଏପରି କି ରୋଗୀଙ୍କ ଚିକିତ୍ସା ପାଇଁ ଡାକ୍ତର ଓ ନର୍ସଙ୍କୁ ମଧ୍ୟ ନିୟୋଜିତ କରାଯାଇଛି । ଗତ ଦୁଇବର୍ଷ ମଧ୍ୟରେ ଜଣେ ବି ଅଂଶୁଘାତ ଆକ୍ରାନ୍ତ ରୋଗୀ ମେଡିକାଲରେ ଭର୍ତ୍ତି ହୋଇନାହାନ୍ତି ବୋଲି ସେ ସୂଚନା ଦେଇଛନ୍ତି ।

